

ଟିପ୍ପଣୀ

# ଏକକ ୧ : ପ୍ରାରମ୍ଭିକ ଶିକ୍ଷଣ ସ୍ତରରେ ପରିବେଶର ଗୁରୁତ୍ୱ

## ସଂରଚନା

୧.୦ ଉପକ୍ରମ

୧.୧ ଶିକ୍ଷଣ ଉଦ୍ଦେଶ୍ୟ

୧.୨ ପରିବେଶକୁ ବୁଝିବା

୧.୩ ପିଲାଙ୍କ ବିକାଶରେ ପରିବେଶର ଗୁରୁତ୍ୱ

୧.୪ ପିଲାଙ୍କ ସହ ପରିବେଶକୁ ସଂପର୍କିତ କରିବା

୧.୫ ଶିକ୍ଷଣ ପାଇଁ ପରିବେଶ ମୂଲ୍ୟାୟନ

୧.୬ ସାରାଂଶ

୧.୭ ନିଜ ଅଗ୍ରଗତିର ଆକଳନ ପାଇଁ ଆଦର୍ଶ ଉତ୍ତର

୧.୮ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୧.୯ ପାଠାନ୍ତ ପ୍ରଶ୍ନାବଳୀ

ଟିପ୍ପଣୀ

## ୧.୦ ଉପକ୍ରମ

ପୂର୍ବ ପାଠଗୁଡିକରେ ତୁମେ ସମ୍ଭବତଃ ଶିକ୍ଷାଦାନ - ଶିକ୍ଷଣ ବିଷୟରେ ଏକ ସୁନ୍ଦର ସ୍ୱଷ୍ଟ ଧାରଣା ପାଇବା ଆରମ୍ଭ କରିଥିବ। ଉଦାହରଣ ସ୍ୱରୂପ ତୁମେ ଯେତେବେଳେ ଗଣିତ, ହିନ୍ଦି କିମ୍ବା ଇଂରାଜୀ ଶବ୍ଦଗୁଡିକ ଶୁଣ, ତୁମେ କମ୍ ବା ବହୁତ ଭାବେ ଏହାର ବିଷୟବସ୍ତୁ ଓ ପରିସର ସମ୍ବନ୍ଧରେ ଜାଣିପାର।

ତୁମେ ପରିବେଶ ଅଧ୍ୟୟନ ପାଠ ବିଷୟବସ୍ତୁର ଶିକ୍ଷାଦାନ - ଶିକ୍ଷଣ ଆରମ୍ଭ କଲାବେଳେ ଆଶ୍ଚର୍ଯ୍ୟ ହେବ ଯେ ଏହି ବିଷୟବସ୍ତୁ ଓ ପରିସର କ'ଣ ହେବ।

ଏଠାରେ ମୁଖ୍ୟ ଶବ୍ଦଟି ହେଉଛି ପରିବେଶ। ଏହି ଶବ୍ଦର ଅର୍ଥକୁ ବିଭିନ୍ନ ଲୋକମାନେ ଭିନ୍ନ ଭିନ୍ନ ଅର୍ଥ କରିଥାନ୍ତି। ତୁମେ "କେତେକ ଅନ୍ଧ ଲୋକମାନେ ହାତୀ ଦେଖିଥିବା କଥା ସହ ପରିଚିତ ଥିବା ପ୍ରତ୍ୟେକ ଲୋକ ଏହି ପ୍ରାଣୀଟି କିପରି ହୋଇଥିବ ଏହାର ବିଭିନ୍ନ ଅଂଶ ଯଥା - ଲାଞ୍ଜ, ଗୋଡ, ଥୋଡପାହାଡ କିମ୍ବା କାନକୁ ଛୁଇଁ କଳ୍ପନା କରିଥିଲେ। ଜଣେ ଭାବିଲେ ଏହା ଏକ ସାପ ଥିଲା। ଅନ୍ୟ ଜଣେ ଭାବିଲେ ଏହା ଏକ ଖମ୍ବ ଥିଲା। ତୃତୀୟ ଲୋକଙ୍କର ଏହା ଏକ ଦଉଡି ଥିଲା ବୋଲି ହୃଦବୋଧ ହୋଇଥିଲା। ତଥାପି ଅନ୍ୟ ଜଣେ ଏହା ପଙ୍ଖା ଥିଲା ବୋଲି ଭାବିଥିଲେ। ପ୍ରକୃତରେ ପ୍ରତ୍ୟେକ ଲୋକ ନିଜ ଭାବନାକୁ ଠିକ୍ ବୋଲି ଦର୍ଶାଇ ଥିଲେ, କିନ୍ତୁ ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ସାମଗ୍ରିକ ଚିତ୍ର ଦେଇପାରି ନଥିଲେ।

ପରିବେଶ ଶବ୍ଦର ଅର୍ଥ ଠିକ୍ ସେହି ପରି। ପ୍ରତ୍ୟେକ ଲୋକର ଏହାର ଅର୍ଥ କ'ଣ ଓ ଏଥିରେ କ'ଣ ଅନ୍ତର୍ଭୁକ୍ତ କରେ ଧାରଣା ଅଛି। ନିଜ ଅର୍ଥରେ ପ୍ରତ୍ୟେକ ଲୋକ ଠିକ୍, କିନ୍ତୁ ତଥାପି ବେଳେବେଳେ ଜିଗସ୍ ପଜଲ୍‌ର ବିଭିନ୍ନ ଖଣ୍ଡଭଳି ଆମ ଧାରଣା ରହିଥାଏ।

ଏହି ଏକକ ବିଭିନ୍ନ ଖଣ୍ଡକୁ ଏକାଠି କରି ଏକ ସାମଗ୍ରିକ ଧାରଣା ଦେବା ପାଇଁ ଚେଷ୍ଟା କରିବ। ପରିବେଶ କାହାକୁ ନେଇ ଗଠିତ ହୋଇଛି ଓ ଏହାର ପରିସର କ'ଣ ଏହା ତୁମକୁ ଭଲଭାବେ ବୁଝାଇଦେବ। ଏହି ଏକକ ମଧ୍ୟ ବୁଝାଇ ଦେବ ଯେ ଆମେ ଜନ୍ମ ହେବା ସମୟରୁ ପରିବେଶ ଆମ ଉପରେ କିପରି ପ୍ରଭାବ ପକାଏ ଏବଂ ଆମେ ମଣିଷ ହିସାବରେ ଆମ ପରିବେଶ ଉପରେ ଭଲ ବା ମନ୍ଦରେ କିପରି ପ୍ରଭାବ ପକାଉ । ପିଲାମାନଙ୍କୁ ଆବିଷ୍କାର, ଉନ୍ମୋଚନ ଏବଂ ପରିବେଶ ମଧ୍ୟରେ ସାମଗ୍ରିକ ବ୍ୟକ୍ତି ବିଶେଷ ଭାବରେ ବିକାଶିତ କରିବା ପାଇଁ ସ୍ଥାନ ଓ ସୁଯୋଗଦେବା ଗୁରୁତ୍ୱପୂର୍ଣ୍ଣ କାହିଁକି ଆମେ ମଧ୍ୟ ଏହାକୁ ସମୀକ୍ଷା କରିବା । ଏହି ପନ୍ଥା କିପରି ଶିକ୍ଷାଦାନ ଓ ଶିକ୍ଷଣ ଶିକ୍ଷାକୁ ଅନବରତ ଭାବେ ଚାଲୁରଖିବା ପାଇଁ ମୂଳୁଦୁଆ ପକାଏ ଏକଥା ମଧ୍ୟ ତୁମେ ବୁଝିବ।

## ୧.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ପଢି ସାରିଲା ପରେ ତୁମେ ସମର୍ଥ ହେବ

- ପରିବେଶର ସାମଗ୍ରିକ ବିଷୟବସ୍ତୁକୁ ବାଖ୍ୟା କରିବା

- ପିଲାର ବୃଦ୍ଧି ଓ ଶିକ୍ଷଣରେ ପରିବେଶର ପ୍ରଭାବକୁ ସଂପର୍କିତ କରିବା
- ପିଲାର ଶିକ୍ଷଣ ପ୍ରକ୍ରିୟାରେ ନିକଟତମ ପରିବେଶର ପ୍ରଭାବକୁ ବର୍ଣ୍ଣନା କରିବା ।

## ୧.୨ ପରିବେଶକୁ ବୁଝିବା

ତୁମେ ଯେତେବେଳେ 'ପରିବେଶ' ଶବ୍ଦଟି ଶୁଣ ତୁମ ମନକୁ କେଉଁ ଦୁଇଟି ଶବ୍ଦ ଆସେ ?

________________ ________________

ଆମ ଭିତରୁ ଅନେକ ଲୋକ ଜଙ୍ଗଲ, ଗଛ ଓ ପ୍ରଦୂଷଣ ଶବ୍ଦଗୁଡିକୁ କହିଥାନ୍ତି । ଏହା ଏକ ତ୍ରୁଟିପୂର୍ଣ୍ଣ ସଂଯୋଗ ନୁହେଁ, ବରଂ ଏହା କିନ୍ତୁ ଏକ ସିମୀତ ଅର୍ଥ ଅଟେ । ବର୍ତ୍ତମାନ ପରିବେଶ ଶବ୍ଦ ସହିତ ସଂପର୍କିତ କିଛି ଅନ୍ୟ ଶବ୍ଦ ଏହି ଶବ୍ଦ ଜାଲରେ ଲେଖିବାକୁ ଚେଷ୍ଟା କର ।




ଏହି କାର୍ଯ୍ୟ କରି ପରିବେଶ ଶବ୍ଦର ପରିସର ତୁମେ ବଢାଇ ପାରିବ । ତୁମକୁ ଯଦି କୁହାଗଲା ଯେ ତୁମ ଶବ୍ଦଜାଲ ମଧ୍ୟ ସିମୀତ, ତୁମେ ଆଶ୍ଚର୍ଯ୍ୟ ହେବ, ତୁମେ କ'ଣ ଛାଡିଯାଇଛ ।

ଚାଲ ଆମେ ଏହାକୁ ଆଉ ଥରେ ସମୀକ୍ଷା କରିବା । 'ପରିବେଶ' ସରଳ ଭାବରେ କହିବାକୁ ଗଲେ ଆମ ଚାରିପାଖରେ ଥିବା ପୃଥିବୀ - "ଆମଠାରୁ ଆରମ୍ଭ କରି ବିଭିନ୍ନ ଦିଗରେ ପହଞ୍ଚିବା ପର୍ଯ୍ୟନ୍ତ, ବ୍ୟାପକ ଭାବରେ ଆମ ଚାରିପାଖରୁ ଆରମ୍ଭ କରି ବିଶ୍ୱବ୍ରହ୍ମାଣ୍ଡ ପର୍ଯ୍ୟନ୍ତ" । ତୁମେ ଏଥିରେ ରାଜିକି ?

ପରିବେଶ ଶବ୍ଦଟି ଫରାସୀ ଶବ୍ଦ ଏନ୍‌ଭିରୋନର୍‌ରୁ ଆସିଅଛି । ଯାହାର ଅର୍ଥ ବେଷ୍ଟନ କରିବ ବା ଘେରି ରହିବା । ତେଣୁ ସାହିତ୍ୟିକ ଭାଷାରେ ଶବ୍ଦର ଅର୍ଥ କହିବାକୁ ଗଲେ ଆମ ଚାରିପାଖରେ ଯାହା ଘେରି ରହିଛି ବା ଆମ ଚାରି ପାଖରେ ଥିବା ପୃଥିବୀ । ତେଣୁ ଆମ ଚାରି ପାଖରେ କେଉଁ ପୃଥିବୀ ଘେରି ରହିଛି ? ଏହା ପ୍ରାକୃତିକ ପରିବେଶ ଏବଂ ସାମାଜିକ - ସାଂସ୍କୃତିକ ପରିବେଶ ଅର୍ନ୍ତଭୁକ୍ତ କରେ ।

ଟିପ୍ପଣୀ

ଏହି ଅର୍ଥରେ କହିବାକୁ ଗଲେ ପରିବେଶର କୌଣସି ନିର୍ଦ୍ଦିଷ୍ଟ ସୀମା ନାହିଁ - ଏହା ସାମଗ୍ରୀକ, ଅବିଚ୍ଛିନ୍ନ ଓ ଅଭିଭାଜ୍ୟ। ଏହା ସାଧାରଣ ଭାବରେ ସମସ୍ତ ଜୀବ, ଗଛ, ପ୍ରାଣୀ ଓ ମନୁଷ୍ୟକୁ ନେଇ ଗଠିତ। ପବନ, ପାଣି, ଭୂମି, ପାହାଡ, ଉଦ୍ଭିଦ ଓ ପ୍ରାଣୀ ଏ ସମସ୍ତ ପରିବେଶର ଅଂଶ, ଯେପରି ଆମେ ମନୁଷ୍ୟମାନେ। ଏହା ଯାହାକୁ ଆମେ ଅନ୍ୟ ଜୀବମାନଙ୍କ ସହ ଭାଗ କରୁ ।

ମୋଟାମୋଟି ଭାବେ କହିବାକୁ ଗଲେ ପରିବେଶକୁ ବିଭିନ୍ନ ଉପାଦାନର ସମିଶ୍ରିତ ରୂପେ ବୋଲି ବିଚାର କରାଯାଇପାରିବ।

**ପ୍ରାକୃତିକ ପରିବେଶ :**

ସବୁ ଜୀବନ ସମ୍ବନ୍ଧୀୟ ଉପାଦାନ ଯେପରିକି ପବନ, ପାଣି, ମୃର୍ତ୍ତିକା, ଶିଳା, ପାହାଡ/ ଉପତ୍ୟାକା ସର୍ବୋପରି ଜୀବନ ସମ୍ବନ୍ଧୀୟ ମୌଳିକ ବସ୍ତୁରେ ଗଠିତ ଉଦ୍ଭିଦ, ପ୍ରାଣୀ ଓ ଅଣୁଜୀବମାନଙ୍କୁ ନେଇ ପ୍ରାକୃତିକ ପରିବେଶ ଗଠିତ। ଆମେ ଜାଣିଛେ ପ୍ରାଣୀ, ଉଦ୍ଭିଦ ଓ ଅଣୁଜୀବମାନେ ସେମାନଙ୍କର ମୌଳିକ ଆବଶ୍ୟକତା ଯଥା ପବନ, ପାଣି ଓ ପୃଷ୍ଟିସାଧନ ଆବଶ୍ୟକତା ଆଧାରରେ ପରସ୍ପର ନିର୍ଭରଶୀଳ। ପରିବେଶ ଓ ଜୀବ ମଧ୍ୟରେ ଏହି ପରସ୍ପର ନିର୍ଭରଶୀଳତା ବିଭିନ୍ନ ପ୍ରକାର ପାରସ୍ପରିକ କ୍ରିୟା ପାଇଁ ବାଟ ଦେଖାଏ।

**ମନୁଷ୍ୟକୃତ ପରିବେଶ :**

ଏହା ଭିତରେ ଓ ଏହା ମଧ୍ୟରୁ ମନୁଷ୍ୟକୃତ ପରିବେଶ ସୃଷ୍ଟିହୁଏ, ଯାହାକୁ କି ମନୁଷ୍ୟ ନିଜର ଆବଶ୍ୟକତା ପାଇଁ ତିଆରି କରିଥାଏ। ଏଗୁଡିକ ମଧ୍ୟରେ ଅନ୍ତର୍ଭୁକ୍ତ ହେଉଛି ରାସ୍ତା, କୋଠାଘର, କଳକାରଖାନା ଓ ଅନ୍ୟାନ୍ୟ ପ୍ରକାର ଉଚ୍ଚତା ଯେଉଁଗୁଡିକ ମନୁଷ୍ୟମାନଙ୍କୁ ଦ୍ରବ୍ୟ ଓ ସେବା ଯୋଗାଇଥାଏ।

**ସାମାଜିକ ସାଂସ୍କୃତିକ ପରିବେଶ :**

ବ୍ୟକ୍ତି, ପରିବାର, ଧର୍ମ ସମ୍ବନ୍ଧୀୟ, ଶିକ୍ଷା ବିଷୟକ, ଅର୍ଥ ସମ୍ବନ୍ଧୀୟ ଓ ରାଜନୈତିକ ଅନୁଷ୍ଠାନଗୁଡିକୁ ନେଇ ଆମ ସାମାଜିକ ପରିବେଶ ଗଠିତ। ସାଧାରଣ ଭାବରେ ପରିବାରରୁ ସମାଜର ମୁଖ୍ୟ କାର୍ଯ୍ୟକଳାପ ଗୁଡିକ କରାଯାଏ ଏବଂ ଏଠାରୁ ଜଣେ ସମାଜର ସଭ୍ୟ ଭାବରେ ବଞ୍ଚିବା ପାଇଁ ଶିଖେ। ଗୋଷ୍ଠୀ ମଧ୍ୟରେ ମନୁଷ୍ୟ ପାରସ୍ପରିକ କ୍ରିୟା କରି ପ୍ରାକୃତିକ ପରିବେଶ ଦ୍ୱାରା ସଂସ୍କୃତି ସୃଷ୍ଟି କରେ। ଆମର ସାଂସ୍କୃତିକ ବୈଶିଷ୍ଟ୍ୟଗୁଡିକ ହେଉଛି ଆମେ ଖାଉଥିବା ଖାଦ୍ୟ, ଆମେ ପିନ୍ଧୁଥିବା ଲୁଗା, ପରମ୍ପରା ଓ ରୀତିଗୁଡିକ ଆମ ପ୍ରାକୃତିକ ପରିବେଶ ଦ୍ୱାରା ସୃଷ୍ଟି ହୁଏ।

ମୂଲ୍ୟବୋଧ, ଐତିହ୍ୟ, ଉନ୍ନତି, ପ୍ରଥା, କଳା, ଇତିହାସ କୁହାଯାଉଥିବା ଲୋକକଥା ଏବଂ ଗୋଷ୍ଠୀ ମଧ୍ୟରେ ବ୍ୟକ୍ତି ରହି କରୁଥିବା ବିଭିନ୍ନ କାର୍ଯ୍ୟକଳାପକୁ ନେଇ ସାମାଜିକ-ସାଂସ୍କୃତିକ ପରିବେଶ ସୃଷ୍ଟି ହୋଇଥାଏ। ସଂକ୍ଷେପରେ କହିବାକୁ ଗଲେ ମୋ ଚାରିପାଖରେ ଯାହା ଘେରି ରହିଛି ତାହା ହେଉଛି ପରିବେଶ ଓ ଏହାର ମୁଁ ହେଉଛି ଏକ ଅଂଶ। କେତେକ ଭାବୁକ ଅଧିକ ଆଗକୁ ଯାଇ କହିଛନ୍ତି ଆମର ଭିତରେ ଓ ବାହାରେ ଯାହାସବୁ ଅଛି ତାକୁ ନେଇ ପରିବେଶ

ଗଠିତ । ତେଣୁ ଆମେ କହିପାରିବା ପରିବେଶ କେବଳ ଭୌତିକ, ଭୌଗଳିକ ଓ ଜୈବିକ ପରିସ୍ଥିତି ଗୁଡ଼ିକୁ ଅର୍ନ୍ତଭୁକ୍ତ କରେ ନାହିଁ ବରଂ ଏହା ମଧ୍ୟ ସାମାଜିକ-ସାଂସ୍କୃତିକ, ଅର୍ଥନୈତିକ ଓ ରାଜନୈତିକ ବ୍ୟବସ୍ଥା ଆଦିକୁ ଅନ୍ତର୍ଭୁକ୍ତ କରିଥାଏ । ବ୍ୟାପକ ସ୍ତରରେ ଭାବିଲେ ପରିବେଶ ଜଳବାୟୁ ସମ୍ବନ୍ଧୀୟ, ଜୀବନ ସମ୍ବନ୍ଧୀୟ, ସାମାଜିକ ଏବଂ ମୃର୍ତ୍ତିକା ସମ୍ବନ୍ଧୀୟ ଜଟିଳ ଉପାଦାନର ସମିଶ୍ରଣ ବୋଲି ବର୍ଣ୍ଣିତ ହୋଇଥାଏ ଯାହା ଏକ ଜୀବ ଉପରେ କାର୍ଯ୍ୟ କରେ ଏବଂ ଏହାର ଆକାର ଏବଂ ବଞ୍ଚିବା ସ୍ଥିର କରେ । ତେଣୁ କରି ଏହା ସବୁଗୁଡ଼ିକୁ ଅନ୍ତର୍ଭୂକ୍ତ କରେ ଯାହା ପ୍ରତ୍ୟକ୍ଷଭାବେ ଜୀବ/ଜାତିମାନଙ୍କର ବ୍ୟବହାରକୁ ପ୍ରଭାବିତ କରେ । ସମଷ୍ଟିଗତ ଭାବେ ବାୟୁ, ଜଳ, ମୃର୍ତ୍ତିକା ଓ ଅନ୍ୟାନ୍ୟ ବଞ୍ଚିଥିବା ସତ୍ତା । ତେଣୁ ପରିବେଶ ହେଉଛି ଏକ ମିଶ୍ର ବ୍ୟବସ୍ଥା ଯାହାକି କେତେଗୁଡ଼ିଏ ଉପବ୍ୟବସ୍ଥାକୁ ସମଷ୍ଟିଗତ ଭାବେ ନେଇ ଗଠିତ ହୋଇଛି ବୋଲି ବୁଝିହେବ । ଏହି ଉପବ୍ୟବସ୍ଥାଗୁଡ଼ିକ ମଧ୍ୟରେ ପାରସ୍ପରିକ କ୍ରିୟା ଯୋଗୁ ନିରବଚ୍ଛିନ୍ନ ଭାବରେ ପରିବେଶରେ ପରିବର୍ତ୍ତନ ଆସିଥାଏ । ପୁଣି ଉପବ୍ୟବସ୍ଥାର ପରିବର୍ତ୍ତନ ଫଳରେ ପରିବେଶ ବଦଳେ । ପରିବର୍ତ୍ତନ ପରିବେଶର ମୌଳିକ ଲକ୍ଷଣ ହୋଇଥିବାରୁ ଆମର ପରିବେଶ ସବୁବେଳେ ପରିବର୍ତ୍ତନଶୀଳ, ସ୍ଥିର ନୁହେଁ । ଏହା ରେଖାଚିତ୍ରରେ ଦର୍ଶାଯାଇଛି ।

**ଆମର ପରିବେଶ**




ଆମ ପରିବେଶରେ ବିଭିନ୍ନ ଉପାଦାନ ମଧ୍ୟରେ ପାରସ୍ପରିକ କ୍ରିୟା ।

ଟିପ୍ପଣୀ

ଆମେ ଦେଖିପାରିବା ଆମ ଶବ୍ଦଜାଲ ଯଥେଷ୍ଟ ଭାବରେ ସଂପ୍ରସାରିତ ହୋଇପାରିଛି । କେତେଗୁଡିଏ ଉପବ୍ୟବସ୍ଥା ସମଷ୍ଟିଗତ ଭାବେ ପରସ୍ପରକୁ ପ୍ରଭାବିତ କରୁଅଛି । ସେଇଥିପାଇଁ ପରିବେଶକୁ କେବଳ ବ୍ୟାପକ ବୋଲି ବର୍ଣ୍ଣନା କରାଯାଇ ନାହିଁ ବରଂ ଏକ ମିଶ୍ର/ଜଟିଳ ଏବଂ ପରିବର୍ତ୍ତନନୀୟ ବ୍ୟବସ୍ଥା ବୋଲି ବର୍ଣ୍ଣନା କରାଯାଇଛି । ଅନେକ ଅଂଶ ସାମଗ୍ରିକ ଭାବେ ପରିବେଶ ସୃଷ୍ଟି କରିଛନ୍ତି ଏବଂ ପରିବେଶର ଅନେକ ଅଂଶ ଏବଂ ଅବସ୍ଥା ନିରବଚ୍ଛିନ୍ନ ଭାବେ ପାରସ୍ପରିକ କ୍ରିୟା କରନ୍ତି । ଏହି ପରିବର୍ତ୍ତନଶୀଳ ପାରସ୍ପରିକ କ୍ରିୟା ବିଭିନ୍ନ ପ୍ରକାରର ଅଛି । ଯଥା ଏକ ସରଳ ନିର୍ଭରଶୀଳତା (ଖାଦ୍ୟ ଶୃଙ୍ଖଳ)ରୁ ଅତି ଜଟିଳ ନିର୍ଭରଶୀଳତା (ଗୋଟିଏ ଖାଦ୍ୟ ଜାଲ) ।

ପରିବେଶର ବିଷୟବସ୍ତୁ ହେଉଛି ସମସ୍ତ ବିଷୟ ଏବଂ ଶୃଙ୍ଖଳା ଏହାର ଅନ୍ତର୍ଭୁକ୍ତ । ସମସ୍ତ ବୟସ ଓ ଜୀବନସ୍ତର ଏହା ଅତିକ୍ରମ କରିଥାଏ ।

**ନିଜର ଅଗ୍ରଗତି ଆକଳନ - ୧**

କ) ତଳେ ଦିଆଯାଇଥିବା ଶବ୍ଦଗୁଡିକରୁ ପରିବେଶକୁ ବର୍ଣ୍ଣନା କରୁଥିବା ସର୍ବନିମ୍ନ ତିନୋଟି ଶବ୍ଦ ବାଛ ।

ବିସ୍ତୀର୍ଣ୍ଣ, ଅପରିବର୍ତ୍ତନୀୟ, ସଂଜ୍ଞାନିରୂପଣ, ସମିଶ୍ରିତ, ପରିବେଷ୍ଟନୀ, ପରିବର୍ତ୍ତନଶୀଳ, ଜୀବନ ସମ୍ବନ୍ଧୀୟ, ସାମାଜିକ ପରିବେଶ, ଉଦ୍ଭିଦକୂଳ, ପ୍ରାଣୀସମୂହ

ଖ) ଏମାନଙ୍କ ମଧ୍ୟରୁ କେଉଁଗୁଡିକ ପରିବେଶରେ ଅନ୍ତର୍ଭୁକ୍ତ ନୁହଁନ୍ତି ।

ଭୌତିକ, ଭୌଗଳିକ ଓ ଜୈବିକ ପରିସ୍ଥିତି, ସମାଜ, ସଂସ୍କୃତି, ଅର୍ଥବ୍ୟବସ୍ଥା, ରାଜନୈତିକ ବ୍ୟବସ୍ଥା, କେଉଁଟି ନୁହେଁ ।

## ୧.୩ ପିଲାଙ୍କ ବିକାଶରେ ପରିବେଶର ଗୁରୁତ୍ୱ

ତୁମେ ଦେଖିଛ ଯେ, ପରିବେଶ ହେଉଛି ଆମର ଏକାନ୍ତ ନିଜର, ଆମେ ଏହା ଭିତରେ ବଢୁ, ଏଠାରୁ ଶିଖୁ, ଏହା ଉପରେ ନିର୍ଭରଶୀଳ । ଏହାକୁ ଆମର ଅବଦାନ ଅଛି ଓ ଏହାକୁ ପ୍ରଭାବିତ କରୁ ଯେପରି ସେ ଆମକୁ ପ୍ରଭାବିତ କରେ । ଏହି ପ୍ରଭାବ ଆମେ ଜନ୍ମ ହେଲା ସମୟରୁ ଆରମ୍ଭ ହୁଏ ଏବଂ ସାରାଜୀବନ ଚାଲୁ ରହିଥାଏ ।

ପିଲାର ପୃଥିବୀ ତାର ନିଜ ଶରୀରର ସଚେତନତାରୁ ଆରମ୍ଭ ହୁଏ ଏବଂ କ୍ରମଶଃ ସଂପ୍ରସାରିତ ହୁଏ । ସଂପ୍ରସାରିତ ଚତୁଃପାର୍ଶ୍ୱ ଓ ପରିବେଷ୍ଟନୀ ମଧ୍ୟରେ ଥିବା ପରିବାର ଏବଂ ଘର, ପଡୋଶୀ, ବିଦ୍ୟାଳୟ ଏବଂ ଅନ୍ୟଆଡେ ଥିବା ପରିବେଶକୁ ପିଲା ଚିହ୍ନିଥାଏ ।

ଘର ଏବଂ ପରିବାରରୁ ପ୍ରଥମେ ପିଲାର ଶିକ୍ଷଣ ଆରମ୍ଭ ହୁଏ । ଏପରିକି ଯେତେବେଳେ ପିଲାମାନେ ବିଦ୍ୟାଳୟ ଯାଆନ୍ତି ସେମାନଙ୍କର ଶିକ୍ଷଣ ଚାଲୁ ରହେ, କେବଳ ବିଦ୍ୟାଳୟରେ ନୁହେଁ, ଘର ଓ ଗୋଷ୍ଠୀ ମଧ୍ୟରେ ପିଲାମାନେ ଶିଖନ୍ତି ।

ପାଖରେ ଥିବା ପରିବେଶ ସହିତ ପିଲା ପ୍ରଥମେ ସଂପର୍କିତ ହୋଇଥାଏ । ଏଥିରେ କେବଳ ଭୌତିକ ସଂରଚନା ଓ ବାହାର ସ୍ଥାନ ଅନ୍ତର୍ଭୁକ୍ତ ନୁହେଁ କିନ୍ତୁ ସମାନ ଭାବେ ସାମାଜିକ ଓ ସାଂସ୍କୃତିକ

ପୃଥିବୀରେ ଥିବା ଗପ, ଗୀତ, ପର୍ବପର୍ବାଣି, ସାମାଜିକ ମିଳନ ପରିବାର ଏବଂ ଗୋଷ୍ଠୀ ଏବଂ ବିଶେଷ ଘଟଣା ଓ ପାଳନ ଆଦି ସାମିଲ ହୋଇଥାଏ ।

ନିକଟତମ ପରିବେଶ ସହ ପାରସ୍ପରିକ କ୍ରିୟା ପ୍ରତିକ୍ରିୟା କରି ପିଲାଟି ଅନେକ ଉପାଦେୟ କଥା ଶିଖିଥାଏ । ଋତୁ, ଉତ୍ତାପ, ବର୍ଷା, ଥଣ୍ଡା, ଆକାଶ, ସୂର୍ଯ୍ୟ ଓ ଚନ୍ଦ୍ର, ପାଣିର ବିଭିନ୍ନ ଅବସ୍ଥା, ଉଦ୍ଭିଦ ଏବଂ ପ୍ରାଣୀ ଇତ୍ୟାଦି ପ୍ରାକୃତିକ ପରିବେଶରୁ ପିଲାମାନେ ଅନେକ ଅନୁଭୂତି ପାଇଥାଆନ୍ତି । ପିଲାମାନେ ଦୈନନ୍ଦିନ ସମୟ ନିର୍ଘଣ୍ଟ, ଗୃହକାର୍ଯ୍ୟ ଏବଂ ପରୀକ୍ଷାର ବାଧ୍ୟବାଧକତାରେ ନିୟୋଜିତ ହେବା ଫଳରେ ସେମାନେ ବିଭିନ୍ନ ତଥ୍ୟ ଉନ୍ମୋଚନ କରି ଅନୁଭୂତି ହାସଲ କରିବାରେ ସମୟ ପାଆନ୍ତି ନାହିଁ । ଅନେକ ପାଠ୍ୟକ୍ରମ ପିଲାମାନେ ଆବିଷ୍କାର କରି ଆନନ୍ଦ ପାଇବା, ଜୀବନର ବାସ୍ତବ ସତ୍ୟ ଅନୁଭୂତି ପାଇବା ପାଇଁ ସମୟ ଓ ସ୍ଥାନ ବ୍ୟବସ୍ଥା କରିନଥାନ୍ତି ।

ପିଲାମାନଙ୍କର, ସ୍ୱତନ୍ତ୍ର ଭାବେ ତରୁଣ ପିଲାମାନଙ୍କର ତାଙ୍କ ଚାରିପାଖରେ ଥିବା ପୃଥିବୀରୁ ଇନ୍ଦ୍ରିୟ ମାଧ୍ୟମରେ ଶିଖିବାକୁ ସ୍ୱାଭାବିକ ଇଚ୍ଛା ଥାଏ । ସେମାନଙ୍କୁ ଗୋଟିଏ ପରିବେଶ ସୃଷ୍ଟିକରି ଏଭଳି ଶିଖିବାରେ ସହଯୋଗ ଓ ସମର୍ଥ କରାଇବା ଏକ ଜଟିଳ କାର୍ଯ୍ୟ ।

ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ (ଏନ୍.ସି.ଏଫ୍ ୨୦୦୫) ଏହି ବ୍ୟବସ୍ଥାକୁ ସ୍ୱିକୃତି ଓ ସୁଯୋଗ ଦିଏ ପ୍ରାରମ୍ଭିକ ସମୟରେ ପିଲାଙ୍କ ଶିକ୍ଷଣ ସେମାନଙ୍କ ଆଗ୍ରହ ଓ ଅଗ୍ରାଧିକାର ଭିତ୍ତିରେ ପ୍ରାସଙ୍ଗିକ ଅନୁଭୂତି ଆଧାରରେ ହେବ । ଆନୁଷ୍ଠାନିକ ଢାଞ୍ଚାରେ ହେବ ନାହିଁ । ପିଲାଙ୍କ ପାଇଁ ଏପରି ସମର୍ଥିତ ପରିବେଶ ଅନୁଭୂତି ଓ କାମ କରିବାକୁ ଆଗ୍ରହୀ କରିବା ଉପାଦାନରେ ପରିପୃଷ୍ଟ ହେବ । ଏହା ପିଲାଙ୍କୁ ତଥ୍ୟ ଉନ୍ମୋଚନ, ପରୀକ୍ଷା ଏବଂ ସେମାନଙ୍କର ଖୋଲା ଆଲୋଚନା ଏବଂ ସାମାଜିକ ସଂପର୍କକୁ ଦୃଢ କରିବ ଯାହାକି ତାଙ୍କ ମନରେ ଉଷ୍ମତା, ସୁରକ୍ଷା ଓ ବିଶ୍ୱାସ ଭାବନା ସୃଷ୍ଟି କରିବ । ( ଏନ.ସି.ଏଫ: ୨୦୦୫, ପେଜ୍ ୬୬)

**ନିଜ ଅଗ୍ରଗତି ଆକଳନ -୨**

କ) ଦିଆଯାଇଥିବା ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛ ।

ପିଲାଙ୍କୁ କାର୍ଯ୍ୟ କରିବା ପାଇଁ ସମର୍ଥ କରିବା ପରିବେଶଟି କ'ଣ ?

କାମ କରିବା ପାଇଁ ଆଗ୍ରହ ସୃଷ୍ଟି କରିପାରୁଥିବା ଉପାଦାନ, ଅନୁଭୂତି, ପରୀକ୍ଷା ପାଇଁ ସୁଯୋଗ ନଦେବା, ଉଷ୍ମତା, ଅସୁରକ୍ଷିତ, ବିଶ୍ୱାସ, ଖୋଲା ଅଭିବ୍ୟକ୍ତି, ସ୍ଥିତିଶୀଳ

ଖ) ଶୂନ୍ୟସ୍ଥାନ ପୂରଣ କର ।

ପିଲାଟି ତା ଚାରିପାଖରେ ଘେରି ରହିଥିବା ପରିବେଶ ସହିତ ସଂପର୍କିତ ହୁଏ । ଏହି ପରିବେଶଟି ପିଲାଙ୍କ ଶିକ୍ଷଣ ପାଇଁ ............. ପ୍ରସଙ୍ଗ ହୋଇଥାଏ । (ପ୍ରାଥମିକ, ମାଧ୍ୟମିକ, ତୃତୀୟ ସ୍ତରୀୟ)

ଟିପ୍ପଣୀ

## ୧.୪ ପିଲାଙ୍କ ସହିତ ପରିବେଶକୁ ସଂପର୍କିତ କରିବା

ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏହି ଆଠ ବର୍ଷ ସମୟରେ ପିଲାର ବିକାଶ ବହୁତ ହୋଇଥାଏ । ଏହି ଆଠ ବର୍ଷ ସମୟରେ ଶାରୀରିକ ଗଠନ, ଯୁକ୍ତିଶକ୍ତି, ବୁଦ୍ଧିଶକ୍ତି, ଆବେଗ ଏବଂ ସାମାଜିକ କୌଶଳ ସର୍ବୋପରି ମୁଲ୍ୟବୋଧ ଏବଂ ମନୋବୃତ୍ତି ଇତ୍ୟାଦି ଯୁକ୍ତିଯୁକ୍ତ ଆକାର ହୋଇ ଜୀବନ ପାଇଁ ଦୃଢ ମୁଳଦୁଆ ପକାଏ । ଏହି ସମୟରେ ପିଲାଯେ କେବଳ ବିଦ୍ୟାଳୟ ଶିକ୍ଷଣ ପାଇଁ ବିକଶିତ ହୋଇଥାଏ ତାହା ନୁହେଁ ବରଂ ଜୀବନ ପାଇଁ ଶିଖିଥାଏ । ଜୀବନ ପାଇଁ ଶିକ୍ଷଣ ଏହି ପରିବେଶ ମଧ୍ୟରେ ସଂଗଠିତ ହୋଇଥାଏ, ଯାହା ଆମ ଚାରିପାଖେ ଥିବା ପୃଥିବୀର ପ୍ରତ୍ୟେକ ଦୃଷ୍ଟିକୋଣ ଅନ୍ତର୍ଭୁକ୍ତ କରେ ଯେଉଁ କଥା ବର୍ତ୍ତମାନ ଆମେ ବୁଝିପାରିଲେ । ପିଲାମାନଙ୍କର ଦାରିଦ୍ର୍ୟତା ଯୋଗୁଁ ସେମାନଙ୍କର ଶାରୀରିକ ବିକାଶ ଓ ଶିକ୍ଷାକୁ ଭୟଙ୍କର ଭାବେ ପ୍ରଭାବିତ ହୋଇଥାଏ । ଅନୁପଯୁକ୍ତ ପରିବେଶରୁ ଆସିଥିବାରୁ ସେମାନେ ଗଭୀର ଭାବେ କ୍ଷତିଗ୍ରସ୍ତ ହୁଅନ୍ତି । ଥରେ ପରିବେଶ ଦୂଷିତ ହୋଇଗଲେ ସବୁପିଲାମାନେ ଏହି ପରିସ୍ଥିତିର ପ୍ରଥମ ଶୀକାର ହୁଅନ୍ତି । ବିପଦପୂର୍ଣ୍ଣ ପରିବେଶରୁ ସେମାନେ ଅଧିକ କ୍ଷତି ସହନ୍ତି । ସେମାନେ ବୟସ୍କ ଲୋକଙ୍କଠାରୁ ଶାରୀରିକ ଆକାର, ଅପରିପକ୍ୱ ଶାରୀରିକ ଅଙ୍ଗପ୍ରତ୍ୟଙ୍ଗ, ବିପାକ କ୍ରିୟାହାର, ବ୍ୟବହାର, ପ୍ରାକୃତିକ କୌତୁହଳ ଏବଂ ପରିବେଶ ଅବନତି ହେବାର ବର୍ତ୍ତମାନର ଧାରାରେ ଜ୍ଞାନର ଅଭାବ ଆଦି କ୍ଷେତ୍ରରେ ଅଲଗା ଅଟନ୍ତି । ଏଥିରୁ ନିସ୍ତାର ପାଇବା ପାଇଁ ସେମାନଙ୍କର କମ୍ ସ୍ଥାନ ଅଛି । ଏପରିକି ଜନ୍ମ ପୂର୍ବରୁ ସେମାନେ ପରିବେଶଗତ ବିପଦର ସମ୍ମୁଖୀନ ହୋଇଥାନ୍ତି ।

ଅନ୍ୟପକ୍ଷରେ ପରିବେଶ ସୁରକ୍ଷା ପାଇଁ ପିଲାମାନେ ଗତିଶୀଳ ଓ ଶକ୍ତିଶାଳୀ ବଳ ଅଟନ୍ତି । ପ୍ରକୃତି ପାଇଁ ସେମାନଙ୍କର ସ୍ୱାଭାବିକ ଆଗ୍ରହ ଥାଏ ଏବଂ ଏହାକୁ ପାଥେୟ କରି ପରିବେଶକୁ ସୁରକ୍ଷା ଓ ସଂରକ୍ଷଣ କରାଯାଇପାରିବ । ସେମାନେ ପରିବେଶଗତ କାର୍ଯ୍ୟକଳାପରେ ଅନ୍ତର୍ଭୁକ୍ତ ହୋଇ ସଫଳତାର ସହ ସହଯୋଗ କରିବେ ।

ବିଗତ ଦଶବର୍ଷରେ ଅନେକ ଆନ୍ତର୍ଜାତୀୟ ଘୋଷଣାନାମା ଓ ଚୁକ୍ତିରେ ପିଲା ଓ ପରିବେଶ ମଧ୍ୟରେ ଥିବା ସଂଯୋଗକୁ ସ୍ୱୀକୃତି ଦିଆଯାଇଛି ।

- ଶିଶୁ ଅଧିକାର ସମ୍ମେଳନ (୧୯୮୯)
- ନିର୍ଦ୍ଦିଷ୍ଟ ଢାଞ୍ଚାରେ ରୋଗ ଓ ଅପପୃଷ୍ଟି ଦୂର ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟରକ୍ଷା
- ଶିଶୁମାନଙ୍କ ବିକାଶ ଓ ସୁରକ୍ଷା, ବଞ୍ଚିବା ପାଇଁ କାର୍ଯ୍ୟ ଘୋଷଣାନାମାର, କାର୍ଯ୍ୟକାରୀତା ନିମିତ୍ତ କାର୍ଯ୍ୟ ଯୋଜନା (୧୯୯୦)
- ରୋଗ ଓ ଅପପୃଷ୍ଟି ରୋକିବା ପାଇଁ ଏବଂ ଶିକ୍ଷା ପ୍ରୋତ୍ସାହିତ କରଣ ଦ୍ୱାରା ପରିବେଶ ଉନ୍ନତି କରିବା
- ପ୍ରାକୃତିକ ବାସ କାର୍ଯ୍ୟସୂଚୀ (୧୯୯୦) ପିଲା ଓ ଯୁବକମାନଙ୍କର ଆବଶ୍ୟକତା ନିର୍ଦ୍ଦିଷ୍ଟ ଭାବେ ସେମାନେ ବଞ୍ଚିବା ପରିପ୍ରେକ୍ଷୀରେ ପରିବେଶକୁ ବିଚାରକୁ ନିଆଯିବ ।
- ପିଲାମାନଙ୍କର ପରିବେଶ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ପାଇଁ ଆଠଜଣ ପରିବେଶ ନେତୃମଣ୍ଡଳୀଙ୍କର ଘୋଷଣାନାମା (୧୯୯୭) ।

- ଚତୁଃପାର୍ଶ୍ୱ ପରିବେଶ ମଧ୍ୟରେ ପିଲାମାନେ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟଗତ ସମସ୍ୟାରେ ସମ୍ମୁଖୀନ ହୁଅନ୍ତି । ସେମାନେ ନିର୍ଦ୍ଦିଷ୍ଟ ଭାବେ ଦୂଷିତ ପରିବେଶର ଶୀକାର ହୁଅନ୍ତି । ପରିବେଶଗତ ବିପଦରୁ ପିଲାଙ୍କୁ ରକ୍ଷା କରିବା ପାଇଁ ପ୍ରଦୂଷଣ ନିବାରଣ ବିଷୟରେ ଅବଗତ କରିବା ହେଉଛି ଏକ ଫଳପ୍ରଦ ଉପାୟ ।

❍ G8 ପରିବେଶ ମନ୍ତ୍ରୀମାନଙ୍କର ସରକାରୀ ଇସ୍ତାହାର (୨୦୦୧)
  - ସରକାରୀ ନୀତି ନିର୍ଦ୍ଧାରଣ ଏବଂ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ଶୀର୍ଷତମ ସ୍ତରକୁ ନେବାକୁ ପ୍ରସବ ପୂର୍ବରୁ ଓ ପରେ ନିରାପଦ ପରିବେଶ ଯୋଗାଇ ଦେବା ପାଇଁ ପଦକ୍ଷେପ କାର୍ଯ୍ୟକାରୀ କରିବ ।

❍ ଇୟୁରୋପ ଓ କେନ୍ଦ୍ର ଏସିଆର ପିଲାମାନଙ୍କ ପାଇଁ ବର୍ଲିନ୍ ପ୍ରତିଶ୍ରୁତି (୨୦୦୧)

❍ ସାମାଜିକ ଓ ଅର୍ଥନୈତିକ ଅବସ୍ଥାକୁ ବିଚାରକୁ ନନେଇ ସବୁପିଲାମାନଙ୍କ ପରିବେଶଗତ ବିପଦକୁ ମୁକାବିଲା କରାଯାଇ ବଞ୍ଚାଇ ରଖାଯିବ, ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ପିଲାଙ୍କୁ ସୁହାଉଥିବା ପରିବେଶ ସୃଷ୍ଟି କରାଯିବ, ଯିଏକି ପିଲାମାନଙ୍କୁ ଖେଳ ଓ ଅଣଅନୁଷ୍ଠାନିକ ପରିସରକୁ ପ୍ରବେଶ ପାଇଁ ସୁଯୋଗ ଉଭୟ ଘରେ ଓ ଗୋଷ୍ଠୀ ମଧ୍ୟରେ ଦେବା ପାଇଁ ସମର୍ଥ ହେବ ।

ମିଳିତ ଜାତିସଂଘ ସାଧାରଣ ପରିଷଦ ମଇ ୨୦୦୨ ସ୍ୱତନ୍ତ୍ର ଅଧିବେଶନ ପିଲାମାନଙ୍କ ପାଇଁ ଏକ ସୁରକ୍ଷିତ ପୃଥିବୀ ଗଠନ କରିବା ନିମିତ୍ତ ପୃଥିବୀ ନେତାମାନଙ୍କୁ ଅନୁଷ୍ଠାନିକ ଭାବେ କେତେ ନିୟମ ପ୍ରଣୟନ ସହିତ ଏହାର ସହଯୋଗୀ କାର୍ଯ୍ୟ କରିବାକୁ ସୁଯୋଗ ଦେଇଥିଲା । ସେହି ନିୟମଗୁଡିକ ହେଉଛି -

❍ କୌଣସି ପିଲାଙ୍କୁ ଛଡାଯିବ ନାହିଁ

❍ ପିଲାମାନଙ୍କୁ ପ୍ରାଥମିକତା ଦିଆଯିବ

❍ ପ୍ରତ୍ୟେକ ପିଲାର ଯତ୍ନ

❍ ଏଚ.ଆଇ.ଭି ଓ ଏଡ୍ସ୍‌କୁ ପ୍ରତିରୋଧ

❍ ପିଲାଙ୍କ କ୍ଷତି ଓ ଶୋଷଣକୁ ବନ୍ଦ କରାଯିବ

❍ ପିଲାଙ୍କ କଥା ଶୁଣିବା

❍ ପ୍ରତ୍ୟେକ ପିଲାଙ୍କୁ ଶିକ୍ଷିତ କରାଯିବ

❍ ଯୁଦ୍ଧରୁ ପିଲାଙ୍କୁ ସୁରକ୍ଷିତ ରଖିବା

❍ ପିଲାମାନଙ୍କ ପାଇଁ ପୃଥିବୀକୁ ସୁରକ୍ଷିତ ରଖାଯିବ

❍ ଦାରିଦ୍ରତାର ପ୍ରତିରୋଧ, ପିଲାମାନଙ୍କ ପାଇଁ ଅର୍ଥ ବିନିଯୋଗ

ଉତ୍ସ : ପିଲାଙ୍କ ପାଇଁ ପୃଥିବୀର ସଂଗ୍ରାମ (http://www.gmfc.org/en)

ନିମ୍ନଗାମୀ ପରିବେଶଗତ ଅବସ୍ଥା ଓ ଅନ୍ୟାନ୍ୟ ସାଧାରଣ ଭୌତିକ ଅବସ୍ଥାରେ ଏବଂ ଅସୁରକ୍ଷିତ ଦୂର୍ବଳ ଘନ ଜନବସତି ସହରରେ ସଂକ୍ରାମକ ରୋଗ ଶୀଘ୍ର ବ୍ୟାପିଥାଏ । ପ୍ରଦୂଷିତ

ଟିପ୍ପଣୀ

ପବନ, ମୃତ୍ତିକା ଓ ପାଣି ଧନୀ କିମ୍ବା ଗରିବ ପିଲାମାନଙ୍କୁ ଅସୁବିଧାରେ ପକାଇବାକୁ ଛାଡି ନଥାଏ । ପରିଶେଷରେ ଅସ୍ୱାସ୍ଥ୍ୟକର ପରିବେଶ ସବୁପିଲାମାନଙ୍କୁ ପ୍ରଭାବିତ କରୁଥିବାରୁ ସେମାନଙ୍କ ଶିକ୍ଷା ସମ୍ବନ୍ଧରେ କ'ଣ କୁହାଯାଇପାରିବ ।

## ୧.୫ ପିଲାଙ୍କ ଶିକ୍ଷଣ ପାଇଁ ପରିବେଶ ମୂଲ୍ୟାୟନ

ପିଲାଙ୍କ ଶିକ୍ଷଣ ପାଇଁ ପରିବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ପିଲାମାନେ ସବୁବେଳେ ପରିବେଶ ସହ ପାରସ୍ପରିକ କ୍ରିୟା କରନ୍ତି । ପିଲାମାନେ ସେମାନଙ୍କ ପିରବେଶରୁ ଅନେକ ଅନୁଭୂତି ଓ ତଥ୍ୟ ଉନ୍ମୋଚନ କରନ୍ତି ଏବଂ ସେଥିରୁ ଅନେକ ଅର୍ଥ ବାହାର କରନ୍ତି । ଏହି ଅନୁଭୂତି ପ୍ରତ୍ୟେକ ପିଲାଙ୍କ ପାଇଁ ଅନନ୍ୟ ଅଟେ । ପିଲାମାନେ ସବୁବେଳେ ସେମାନଙ୍କ ବୁଝାମଣାକୁ ନିରବିଚ୍ଛିନ୍ନ ଭାବେ ପରିବର୍ତ୍ତନ କରନ୍ତି । କାରଣ ସେ ତା ଚାରିପାଖ ପରିବେଶରେ ଥିବା ନୂଆ ଜିନିଷ ସହ କ୍ରିୟା ପ୍ରତିକ୍ରିୟା କରେ । ତେଣୁ ପିଲାମାନଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ବିକଶିତ ହେବା ପାଇଁ ପରିବେଶ ଉଦ୍ଦୀପନା ଯୋଗାଏ । ପିଲାମାନଙ୍କର ଏହି ପ୍ରାରମ୍ଭିକ ଅନୁଭୁତି ବିଚାରକୁ ନିଆଯିବା ଉଚିତ୍ । ଶିକ୍ଷାଦାନ-ଶିକ୍ଷଣରେ ପରିବେଶକୁ ସମନ୍ୱିତ କରାଯିବ, ଯେହେତୁ ପିଲାଙ୍କ ବାସ୍ତବ ଅନୁଭୂତିର ବିକାଶ ପ୍ରକୃତ ପରିବେଶ ବୁଝାମଣାରୁ ହୋଇଥାଏ । ତେଣୁ ପିଲା ନିକଟରେ ଥିବା ପରିବେଶ ତାର ଶିକ୍ଷଣ ପାଇଁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇଥାଏ ।

ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ପିଲାଙ୍କ ଶିକ୍ଷଣ ପ୍ରସଙ୍ଗରେ ପରିବେଶର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱିକୃତି ଦିଏ କାରଣ ଚାରିପାଖ ପରିବେଶ ମଧ୍ୟରେ ଥିବା ପ୍ରକୃତି, ବସ୍ତୁ ଏବଂ ଲୋକମାନଙ୍କ କାର୍ଯ୍ୟକଳାପ ଓ ଭାଷା ଉଭୟ ଦ୍ୱାରା ଶିକ୍ଷଣ ସଂଗଠିତ ହୁଏ । ଭୌତିକ କାର୍ଯ୍ୟ ଚଳପ୍ରଚଳ, ଉନ୍ମୋଚନ, ନିଜେ ନିଜର, ନିଜ ସାଙ୍ଗସାଥିମାନଙ୍କ କିମ୍ବା ବୟସ୍କମାନଙ୍କ ସହ କାର୍ଯ୍ୟ କରିବା ଏବଂ ଭାଷା ବ୍ୟବହାର କରିବା, ପଢ଼ିବା, ପ୍ରକାଶ କରିବା କିମ୍ବା ପଚାରିବା, ଶୁଣିବା କିମ୍ବା ପାରସ୍ପରିକ କ୍ରିୟା ଗୁଡିକ ମୁଖ୍ୟ ପ୍ରକ୍ରିୟା ଯାହା ଦ୍ୱାରା ଶିକ୍ଷଣ ସମ୍ଭବ ହୋଇଥାଏ । ତେଣୁ ଯେଉଁ ପ୍ରସଙ୍ଗରେ ଶିକ୍ଷଣ ସଂଗଠିତ ହୁଏ ତାହା ପ୍ରତ୍ୟକ୍ଷ ବୌଦ୍ଧିକ ଗୁରୁତ୍ୱ ବହନ କରେ । (ଏନ୍.ସି.ଏଫ୍ ୨୦୦୫, ପୃଷ୍ଠା ୧୮)

ଏନ୍.ସି.ଏଫ:୨୦୦୫ ପରିବେଶ ଓ ପିଲାଙ୍କ ଶିକ୍ଷଣ ପରିପ୍ରେକ୍ଷୀରେ ଏହି ବିନ୍ଦୁଗୁଡିକୁ ଗୁରୁତ୍ୱ ଦିଏ

- ପ୍ରତ୍ୟେକ ପିଲା ଶିଖିବା ପାଇଁ ସ୍ୱାଭାବିକ ଭାବେ ଅଭିପ୍ରେରିତ ହୋଇପାରିବେ ଏବଂ ସେମାନେ ଶିଖିବା ପାଇଁ ସମର୍ଥ ।
- ଅର୍ଥ ପ୍ରସ୍ତୁତି କରିବା ଓ ଅମୂର୍ତ୍ତ ଚିନ୍ତନର ସାମର୍ଥ୍ୟ ବଢାଇବା, ପ୍ରତିଫଳନ ଏବଂ କାର୍ଯ୍ୟ ଆଦି ହେଉଛି ଶିକ୍ଷଣର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉପାଦାନ ।
- ପିଲାମାନେ ବିଭିନ୍ନ ଉପାୟରେ ଶିଖନ୍ତି ଯଥା - ଅନୁଭୂତି ଆଧାରରେ ଗଢି ଏବଂ କାର୍ଯ୍ୟ କରି, ପରୀକ୍ଷଣ, ପଠନ, ଆଲୋଚନା, ପଚାରି. ଶୁଣି, ଭାବ ପ୍ରତିଫଳନ କରି, କଥାରେ, ଚାଲିଚଳନରେ ଓ ଲେଖାରେ ନିଜର ଅଭିବ୍ୟକ୍ତି ପ୍ରକାଶ କରିବା - ଉଭୟ ବ୍ୟକ୍ତିଗତ ଓ

ବା ଅନ୍ୟମାନଙ୍କ ସହ ସେମାନଙ୍କର ବିକାଶ ନିମିତ୍ତ ବିଭିନ୍ନ ପର୍ଯ୍ୟାୟରେ ସେମାନେ ଏହିସବୁ ପ୍ରକାର ସୁବିଧା ସୁଯୋଗ ଆବଶ୍ୟକ କରନ୍ତି ।

- ଶିକ୍ଷଣ ଉଭୟ ବିଦ୍ୟାଳୟ ଭିତରେ ଓ ବାହାରେ ସଂଗଠିତ ହୋଇଥାଏ । ଏହି ଦୁଇଟିର ପାରସ୍ପରିକ କ୍ରିୟା ଦ୍ୱାରା ଶିକ୍ଷଣ ପରିପୃଷ୍ଟ ହୋଇଥାଏ । ଏହିସବୁ ପାଇଁ ଚାରିପଟେ ଥିବା ଭୌତିକ ଓ ସାମାଜିକ ପରିବେଶ ସହିତ ପିଲାମାନେ ସଂପର୍କିତ ହେବା ପାଇଁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଦେବା ଆବଶ୍ୟକ । ସେମାନଙ୍କ ଜିଜ୍ଞାସାକୁ ପରିପୃଷ୍ଟ କରିବା ପାଇଁ - କାମକରିବା, ପ୍ରଶ୍ନପଚାରିବା ଏବଂ ଅନୁସନ୍ଧାନ ମନୋବୃତ୍ତିକୁ ଆଗେଇଦେବା ଏବଂ ସେମାନଙ୍କର ସିଦ୍ଧାନ୍ତକୁ ପରସ୍ପର ମଧ୍ୟରେ ବାଣ୍ଟିବା ।

ଏହା ହେଉଛି ପରିବେଶ ସମ୍ବନ୍ଧରେ ଶିକ୍ଷାଦାନ - ଶିକ୍ଷଣର ସାରକଥା । ଏହି ଅନୁଭୂତି ପାଇଁ ଜଣେ ସହାୟକ ହିସାବରେ ବିଭିନ୍ନ ପ୍ରକାର ଅନୁଭୂତି ସୃଷ୍ଟିପାଇଁ ଉପଯୁକ୍ତ ସୁବିଧା ସୁଯୋଗ ସୃଷ୍ଟି କେବଳ ତୁମ ପାଇଁ ଆହ୍ୱାନ ନୁହେଁ ବରଂ ପିଲାମାନଙ୍କ ଭିତରେ ମନୋବୃତ୍ତି ଏବଂ ମୂଲ୍ୟବୋଧର ବିକାଶ ଯାହା ଏଗୁଡିକୁ ଜୀବନବ୍ୟାପୀ ଶିକ୍ଷଣରେ ରୂପାନ୍ତରିତ କରିବ । ବିକାଶକୁ ଚାଲୁ ରଖିବା ପାଇଁ ଏହା ହେଉଛି ଶିକ୍ଷାର ବିସ୍ତୃତ ଲକ୍ଷ୍ୟ ।

## ୧.୬ ସାରାଂଶ

ପରିବେଶ ଶବ୍ଦଟି ବିଭିନ୍ନ ଉପାୟରେ ବୁଝାପଡେ । ଏପର୍ଯ୍ୟନ୍ତ ଆମେ ଯାହା ପଢିଛେ ପରିବେଶ ଏକ ପାହାଚ ଯାହା ଆମଠାରୁ ଆରମ୍ଭ କରି ଆମ ଚାରିପାଖରେ ଥିବା ପୃଥିବୀର ସବୁ ବ୍ୟବସ୍ଥାକୁ ଆବୃତ୍ତ କରି ରଖିଛି ।

- ପରିବେଶ ହେଉଛି ଜଟିଳ ଏବଂ ପରିବର୍ତ୍ତନଶୀଳ ବ୍ୟବସ୍ଥା ।
- ପରିବେଶରେ ପ୍ରାକୃତିକ, ମନୁଷ୍ୟ ତିଆରି ଓ ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥାଗୁଡିକ ଅନ୍ତର୍ଭୁକ୍ତ ।
- ଅନ୍ୟ ସମସ୍ତ ବିଷୟ ଏବଂ ଶୃଙ୍ଖଳା ପରିବେଶ ବିଷୟବସ୍ତୁ ମଧ୍ୟରେ ମିଶିକରି ରହିଛି ।
- ପିଲାର ଶିକ୍ଷଣ ପାଇଁ ପରିବେଶ ପ୍ରାରମ୍ଭିକ ପୃଷ୍ଠଭୂମି ଯୋଗାଇ ଦିଏ । ପିଲାମାନଙ୍କୁ ସେମାନଙ୍କ ସ୍ଥାନୀୟ ପରିବେଶ ସହିତ ପାରସ୍ପରିକ କ୍ରିୟା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବା ଆବଶ୍ୟକ ଯାହା ସେହି ପାରସ୍ପରିକ କ୍ରିୟା ଏବଂ ଅନୁଭୂତି ଆଧାରରେ ସେମାନଙ୍କର ବୋଧଗମ୍ୟତା ସୃଷ୍ଟି କରିପାରିବ ।
- ଏନ୍.ସି.ଏଫ ୨୦୦୫ ପିଲାମାନଙ୍କ ଶିକ୍ଷଣରେ ପ୍ରସଙ୍ଗ ରୂପେ ପରିବେଶର ନିର୍ଣ୍ଣାୟକ ଭୂମିକାକୁ ସ୍ୱିକୃତି ଦିଏ ।

ଟିପ୍ପଣୀ

## ୧.୭ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

**ନିଜ ଅଗ୍ରଗତି ଆକଳନ - ୧**

କ) ସାମଗ୍ରିକ, ଧାରାବାହିକ, ପରିବେଷ୍ଟନୀ, ପରିବର୍ତ୍ତନନୀୟ, ବେଷ୍ଟନ କରୁଛି, ଜୀବ ଓ ନିର୍ଜୀବ

ଖ) କେହି ନୁହେଁ

**ନିଜ ଅଗ୍ରଗତି ଆକଳନ - ୨**

କ) ଉଦ୍ଦୀପନା, ଅଭିଜ୍ଞତା, ଉଷ୍ଣତା, ପିପାସା, ମୁକ୍ତ ଅଭିବ୍ୟକ୍ତି

ଖ) ପ୍ରାଥମିକ

## ୧.୮ ପରବର୍ତ୍ତୀ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


- ଏନ.ସି.ଇ.ଆଇ.ଟି (୨୦୦୫) ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫, ନୂଆଦିଲ୍ଲୀ
- ପ୍ରାଥମିକ ସ୍ତର ଶ୍ରେଣୀ ପାଇଁ ପାଠ୍ୟସୂଚୀ, ଏନ୍.ସି.ଆଇ.ଟି, ନୂଆଦିଲ୍ଲୀ
- http://w.w.w.teacher.org
- w.w.w.unep.org/ceh/chapter01.pdp


## ୧.୯ ପାଠାନ୍ତ ପ୍ରଶ୍ନାବଳୀ

୧) କେଉଁସବୁ ମୁଖ୍ୟ ପ୍ରକ୍ରିୟା ଦ୍ୱାରା ଶିକ୍ଷଣ ସଂଗଠିତ ହୋଇଥାଏ ?

୨) ଏହି ପ୍ରକ୍ରିୟାଗୁଡିକ ପରିବେଶ ସହିତ କିପରି ସଂପର୍କିତ ?